# ନୃସିଂହ ଗୁରୁ: ଏକ ମୂଲ୍ୟାୟନ

ଡ. ଉମାକାନ୍ତ ସୁବୁଦ୍ଧି

ଯୁଗମାନବ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିର ଅନୁସରଣରେ ଓଡ଼ିଶାର ଯେଉଁ କେତେଜଣ ବ୍ୟକ୍ତି ଭାରତର ଯୁଗାନ୍ତକାରୀ ସ୍ୱାଧୀନତା ଆନ୍ଦୋଳନରେ ମୁଖ୍ୟ ଅଂଶଗ୍ରହଣ କରିଥିଲେ ଓ ଦୁର୍ଦ୍ଧର୍ଷ ବ୍ରିଟିଶ ସାମ୍ରାଜ୍ୟବାଦ ଓ ଔପନିବେଶବାଦର ଯବନିକା ଟାଣିଥିଲେ, ତନ୍ମଧ୍ୟରୁ 'ସମ୍ବଲପୁର ଗାନ୍ଧୀ' ସ୍ୱର୍ଗତ ନୃସିଂହ ଗୁରୁ ଅନ୍ୟତମ । ଗୁରୁଙ୍କ ଜୀବନ-ଦର୍ଶନରେ ଗାନ୍ଧୀନୀତି ଓ ଆଦର୍ଶର ଉପଯୁକ୍ତ ପ୍ରତିଫଳନ ଘଟିଥିବାରୁ ସେ ସତ୍ୟ ଓ ସେବାର ଏକ ମୂର୍ତ୍ତିମନ୍ତ ବିଗ୍ରହ ହୋଇଥିବାରୁ ଓଡ଼ିଶାର ପଶ୍ଚିମାଞ୍ଚଳରେ ଗାନ୍ଧୀ ରୂପେ ପରିଚିତ ହୋଇ ଗୌରବାନ୍ୱୀତ ଓ ଜନମାନସରେ ଆଦୃତ ।

ସମ୍ଭ୍ରାନ୍ତ ଓ ରକ୍ଷଣଶୀଳ ବ୍ରାହ୍ମଣ କୁଳରେ ଗୁରୁଙ୍କ ଜନ୍ମ । ପ୍ରଭୁ ଶ୍ରୀ ନୃସିଂହନାଥଙ୍କ କୃପାଧନ୍ୟ ସନ୍ତାନ ହୋଇଥିବାରୁ ତାଙ୍କୁ ଶ୍ରଦ୍ଧା ଓ କୃତଜ୍ଞତାର ନିଦର୍ଶନ ସ୍ୱରୂପ ନୃସିଂହ ରୂପେ ନାମିତ କରାଯାଇଥିଲା । ବିଦ୍ୟାଳୟରେ ଶିକ୍ଷାରମ୍ଭ ଦିନଠାରୁ ପୁରସ୍କୃତ ହୋଇ ଗୁରୁ ମେଧାବୀ ଛାତ୍ର ରୂପେ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସରଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଗୋଟିଏ ବର୍ଷରେ ଉତ୍ତୀର୍ଣ୍ଣ ହୋଇ ଓ ଚତୁର୍ଥ ଶ୍ରେଣୀ ପରେ ବୃତ୍ତି ପରୀକ୍ଷାରେ ସଫଳକାମ ହୋଇ ସେ ବିରଳ ଛାତ୍ରବୃତ୍ତି ପାଇବାର ଯୋଗ୍ୟତା ଓ କୃତିତ୍ୱ ଅର୍ଜନ କରିଥିଲେ । ପରେ ସମ୍ବଲପୁର ପଟ୍ଟନାୟକପଡ଼ା ମଧ୍ୟ ଇଂରାଜୀ ସ୍କୁଲ୍‌ରୁ ମଧ୍ୟ-ଇଂରାଜୀ ବୃତ୍ତି ଲାଭ କରିଥିଲେ ଓ ସମ୍ବଲପୁର ଜିଲ୍ଲା ସ୍କୁଲ୍‌ରେ ପ୍ରବେଶ କରିଥିଲେ । ଗଣିତ, ସାହିତ୍ୟ ଓ ଇଂରାଜୀରେ ବ୍ୟୁତ୍ପତ୍ତି ଯୋଗୁଁ ସେ ଉଭୟ ଛାତ୍ରବୃତ୍ତି ଲାଭ କରିଥିଲେ ଓ କଠିନ ଅଧ୍ୟବସାୟ ଓ ପ୍ରଖର ଧୀଶକ୍ତିର ପରିଚୟ ଦେଇଥିଲେ । ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ କୃଷ୍ଣଚନ୍ଦ୍ର ସେନଗୁପ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ପ୍ରେରଣା ପାଇଥିଲେ ଓ

ଏଇଠୁରୁ ସ୍ୱଦେଶ ପ୍ରୀତି ତାଙ୍କ ମଧ୍ୟରେ ଜନ୍ମ ନେଇଥିଲା । ଏକାଦଶ ଶ୍ରେଣୀରେ ପଢୁଥିବା ସମୟରେ ୧୯୨୧ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ତରୁଣ ନୃସିଂହ ଗୁରୁ ସ୍କୁଲ୍ ବର୍ଜନ କରିଥିଲେ ଓ ସମ୍ବଲପୁର ଜାତୀୟ ବିଦ୍ୟାଳୟରେ ଛାତ୍ର ରୂପେ ଯୋଗ ଦେଇଥିଲେ । ସମ୍ଭାବ୍ୟ ଉଜ୍ଜ୍ୱଳ ଭବିଷ୍ୟତକୁ ପ୍ରତ୍ୟାଖ୍ୟାନ କରି ଏହି ପ୍ରତିଭାବାନ୍ ତରୁଣ ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଦେଶମାତୃକାର ସେବାରେ ନିଜକୁ ସମର୍ପଣ କରି 'ସତ୍ୟାଗ୍ରହୀ' ପାଲଟିଗଲେ ଓ ଏହିଠାରୁ ତାଙ୍କ ସଂଗ୍ରାମୀ ଜୀବନର ଅଧ୍ୟାୟାରମ୍ଭ ।

ଝାରସୁଗୁଡ଼ା ଓ ଲଇକେରା ଅଞ୍ଚଳରେ କଂଗ୍ରେସ କାର୍ଯ୍ୟକ୍ରମର ପ୍ରଚାର, ଅରଟ ମାଧ୍ୟମରେ ସୂତା କଟା ଏବଂ ଖଦି ବୁଣାର ପ୍ରସାର ଆଦି କାର୍ଯ୍ୟରେ ନିଷ୍ଠାର ସହିତ ନିଜକୁ ନିୟୋଜିତ କରି ନୃସିଂହ ଗୁରୁ ବ୍ରିଟିଶ୍ ପ୍ରଶାସନର ଦମନମୂଳକ କାର୍ଯ୍ୟକୁ ଭ୍ରୂକ୍ଷେପ ନକରି ଦୁଇ ହଜାର ପ୍ରାଥମିକ କଂଗ୍ରେସ ସଭ୍ୟ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ ଯାହାକି ତାଙ୍କ ସରଳ ଅଥଚ ଦୃଢ଼ ଆତ୍ମପ୍ରତ୍ୟୟର ପରିଚୟ ବହନ କରେ । ଏ ସମୟରେ ସେ ତତ୍କାଳୀନ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ସ୍ୱର୍ଗତ ମହାବୀର ସିଂହଙ୍କ ବାସଭବନରେ ରହି ପ୍ରଚାର କାର୍ଯ୍ୟ ଓ ସହକର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିଲେ । ଭରଣପୋଷଣ ପାଇଁ ସେ ଲଇଡ଼ାରେ ଏକମାସ ଘରୋଇ ଶିକ୍ଷକ ରୂପେ କାର୍ଯ୍ୟ କରି ସ୍ୱର୍ଗତ ଚନ୍ଦ୍ରଶେଖର ବେହେରାଙ୍କ ମାଧ୍ୟମରେ ସମ୍ବଲପୁର ମ୍ୟୁନିସିପାଲିଟିରେ ନିଯୁକ୍ତ ହୋଇଥିଲେ ଓ ସାମୟିକ ଛୁଟି ନେଇ କଂଗ୍ରେସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ । ୧୯୨୮ରେ ମହାତ୍ମା ଗାନ୍ଧୀ ସମ୍ବଲପୁର ଆସିଥିବା ସମୟରେ ସେ ରୋଷେଇ ଓ ଅତିଥି ପରିଚର୍ଯ୍ୟା ଦାୟିତ୍ୱରେ ଥିଲେ । ଏ ପର୍ଯ୍ୟନ୍ତ କଂଗ୍ରେସର ବାର୍ତ୍ତା ପ୍ରଚାର, ସଭ୍ୟ ସଂଗ୍ରହ, ଖଦଡ଼ ବ୍ୟବହାର ଇତ୍ୟାଦି କାର୍ଯ୍ୟକ୍ରମରେ ନିୟୋଜିତ ଥିବା ନୃସିଂହ ଗୁରୁ ମହାତ୍ମା ଗାନ୍ଧୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ଗାନ୍ଧୀଙ୍କ ସରଳ ଜୀବନ, ନିଷ୍ଠାପର କାର୍ଯ୍ୟ, ସତ୍ୟବାଦୀତା, ଈଶ୍ୱରବିଶ୍ୱାସ ଓ ଦୃଢ଼ ସଂଗ୍ରାମୀ ମନୋଭାବ ଦ୍ୱାରା ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ, ଯାହାକି ତାଙ୍କୁ କର୍ମମୟ ଜୀବନରେ ଦିଗ୍‌ଦର୍ଶନ ଦେଇଥିଲା ।

ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେବା ପରେ ନୃସିଂହ ଗୁରୁ ମ୍ୟୁନ୍‌ସିପାଲିଟିରୁ ଇସ୍ତଫା ଦେଇ ଏହି ଆନ୍ଦୋଳନରେ ଝାସ ଦେଇଥିଲେ ଓ ୧୯୩୨ରେ କାରାବରଣ କରିଥିଲେ । ଜେଲ୍‌ରୁ ଖଲାସ ହେବା ପରେ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଓଡ଼ିଶାରେ ଅସ୍ପୃଶ୍ୟତା ନିବାରଣ ପାଇଁ ଲାଗିପଡ଼ିଲେ । ତାଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ରୂପେ ଗ୍ରହଣ କରାଗଲା ଓ ସ୍ୱର୍ଗତ ଚନ୍ଦ୍ରଶେଖର ବେହେରାଙ୍କ ସଭାପତିତ୍ୱରେ ଗଠିତ ସମ୍ବଲପୁର ଅସ୍ପୃଶ୍ୟତା ନିବାରଣ ସମିତିର ସମ୍ପାଦକ ରୂପେ ସେ ମନୋନୀତ ହେଲେ । କାଳକ୍ରମେ ଏହି ସମିତି ହରିଜନ ସେବକ ସଂଘ ରୂପେ ଆତ୍ମପ୍ରକାଶ କଲା ଓ ନୃସିଂହ ଗୁରୁଙ୍କ ନିଷ୍ଠାପର ଉଦ୍ୟମରେ ଅସ୍ପୃଶ୍ୟତା ନିବାରଣ ଓ ହରିଜନ ଉନ୍ନତି ଏକ ସାକାର ରୂପ ନେଇଥିଲା । କୁଳୀନ ବ୍ରାହ୍ମଣ ହୋଇଥିଲେ ହେଁ ରକ୍ଷଣଶୀଳ ମନୋଭାବାତ୍ମକ ସଂସ୍କାରର ରଜ୍ଜୁକୁ ଛିନ୍ନ କରି ଗୁରୁ ଅନୁନ୍ନତ, ଅବହେଳିତ, ନିଷ୍ପେଷିତ ଜନତା ଜନାର୍ଦ୍ଦନଙ୍କ ସେବାରେ ବ୍ରତୀ ହୋଇ ତ୍ୟାଗର ଚରମ ନିଦର୍ଶନ ପ୍ରଦର୍ଶନ କରିଥିଲେ ଏବଂ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲେ । ଗୁରୁଙ୍କ କାର୍ଯ୍ୟରେ 'ହରିଜନ ସେବକ ସଂଘ'ର ସର୍ବଭାରତୀୟ ସଂପାଦକ ସ୍ୱର୍ଗତ ଅମୃତଲାଲ୍ ଠକ୍କର ସନ୍ତୋଷ ପ୍ରକାଶ କରିଥିଲେ । ତାଙ୍କ ଦ୍ୱାରା ପାଞ୍ଚଜଣ ଛାତ୍ରଙ୍କୁ ନେଇ ଏକ ହରିଜନ ଛାତ୍ରାବାସ ଖୋଲିବା ପ୍ରସ୍ତାବକୁ ଠକ୍କର ସର୍ବୋତ୍କୃଷ୍ଟ ବିବେଚନା କରି ଅନୁମୋଦନ କରିଥିଲେ ଓ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଆଗେଇଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୁରୁ ମହାଶୟ ସମ୍ବଲପୁର ଜିଲ୍ଲା ହରିଜନ ସଂଘର ସଂପାଦକ ତଥା ହରିଜନ ଛାତ୍ରାବାସର ତତ୍ତ୍ୱାବଧାରକ ରୂପେ 'ଭାରତଛାଡ଼' ଆନ୍ଦୋଳନ ଆରମ୍ଭ ହେବା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ ଓ ତାଙ୍କରି ଉଦ୍ୟମରେ ଛାତ୍ରାବାସର ଅନ୍ତେବାସୀ ସଂଖ୍ୟା ବୃଦ୍ଧି ପାଇଁ ୧୫ରେ ପହଞ୍ଚିଥିଲା । ଏହି ସମୟରେ ହରିଜନମାନଙ୍କ ମଧ୍ୟରେ ଶିକ୍ଷାର ବିକାଶ, ଅନ୍ଧବିଶ୍ୱାସ ଦୂରୀକରଣ, ସାମାଜିକ ପ୍ରଗତି ପ୍ରଭୃତି କାର୍ଯ୍ୟକ୍ରମକୁ ସେ ହାତକୁ ନେଇ ଅଧ୍ୟାପକ ମଲ୍ଲାନୀ, ବାବା ରାଘବ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ନନ୍ଦକିଶୋର ଦାସ ପ୍ରଭୃତିଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲେ । ତାଙ୍କଦ୍ୱାରା ଛାତ୍ରାବାସ ପରିଚାଳନରେ ଯେଉଁ ଶୃଙ୍ଖଳା ପରିଲକ୍ଷିତ ହୋଇଥିଲା, ତାହାର ଫଳଶ୍ରୁତି ସ୍ୱରୂପ ତତ୍କାଳୀନ ଡି.ପି.ଆଇ. ଶ୍ୟାମଚନ୍ଦ୍ର ତ୍ରିପାଠୀ ଛାତ୍ରାବାସକୁ ଟ.୩୦୦ଙ୍କା ଅନୁଦାନ ଦେଇଥିଲେ । 'ଭାରତଛାଡ଼ ଆନ୍ଦୋଳନ'ରେ ଗୁରୁ ଭାରତୀୟ ପ୍ରତିରକ୍ଷା ଆଇନ୍ ବଳରେ ଗିରଫ ହୋଇ ଅଟକବନ୍ଦୀ ରହିଥିଲେ । ତାଙ୍କ ବିରୋଧରେ ବ୍ରିଟିଶ ସରକାର ଏକ ମିଥ୍ୟା ମୋକଦ୍ଦମା ଆଗତ କରିଥିଲା । କିନ୍ତୁ ବିଚାରରେ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇ ଖଲାସ ହୋଇଥିଲେ । ଏହି ସମୟରେ ତାଙ୍କ ଝିଅ ଦିନେଶ୍ୱରୀ କଠିନ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିଲେ । ମୋକଦ୍ଦମାରେ ଖଲାସ ହେବା ସତ୍ତ୍ୱେ ତାଙ୍କୁ ପୁଣି ଅଟକବନ୍ଦୀ ରଖାଯାଇଥିଲା ଓ ୧୯୪୪ରେ ସେ ଖଲାସ ହୋଇଥିଲେ । ଏହାପରେ ଠକ୍କର୍‌ଙ୍କ ନିର୍ଦ୍ଦେଶରେ ସେ ପୁଣି ହରିଜନ ଛାତ୍ରାବାସର ଦାୟିତ୍ୱ ବହନ କରିଥିଲେ ଓ ୧୯୫୨ ମସିହା ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଥିଲେ ।

ନୃସିଂହ ଗୁରୁଙ୍କ ନିରଳସ ତ୍ୟାଗପୂତ ଜୀବନ, ଅମଳିନ ପ୍ରତିଭା, ଦେଶପ୍ରେମ, ସଂଗ୍ରାମୀ ମନୋବୃତ୍ତି, ଦୃଢ଼ ଆତ୍ମପ୍ରତ୍ୟୟ, ସତ୍ୟାଶ୍ରୟ, ସେବାର ପରାକାଷ୍ଠା, ଶାନ୍ତ ଓ ଧୀର ବ୍ୟବହାର ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ବିଭାବ । ମୂଲ୍ୟବୋଧର ପୂଜାରୀ ଶ୍ରୀ ଗୁରୁ ଏକାଧାରରେ ଏତେଗୁଡ଼ିଏ ମହନୀୟ ଗୁଣର ଯେ ଅଧିକାରୀ ଥିଲେ ତାହା ବିସ୍ମୟ ସୃଷ୍ଟି କରୁଥିଲେ ବି ସତ୍ୟ ଏବଂ ତାଙ୍କୁ ସମ୍ବଲପୁର ଅଂଚଳର ପ୍ରବାଦପୁରୁଷ ରୂପେ ଗଢ଼ି ତୋଳିବାରେ ଏହି ମାନବୀର ଗୁଣଗୁଡ଼ିକ ଦାୟୀ ।

*ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ*
*ସ୍ନାତକୋତ୍ତର ଇତିହାସ ବିଭାଗ,*
*ଗଙ୍ଗାଧର ମେହେର ମହାବିଦ୍ୟାଳୟ*
*ସମ୍ବଲପୁର*